


# କଟକ ନାଟ୍ୟୋତ୍ସବ ୨୦୨୫ ଅନ୍ତିମ ପର୍ଯ୍ୟାୟ ଉଦ୍‌ଘାଟିତ



**କଟକ,(ବ୍ୟୁରୋ) :** ନାଟ୍ୟ ସଂସ୍କୃତିର ପୁନଃରୁଦ୍ଧାର ଲକ୍ଷ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଛି କଟକ ନାଟ୍ୟୋତ୍ସବ ୨୦୨୫। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆଜି ନାଟ୍ୟୋତ୍ସବ ଅନ୍ତିମ ପର୍ଯ୍ୟାୟକୁ ଉଦଘାଟନ କରି କହିଛନ୍ତି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପରିସ୍ଫୁଟ କରିବାର ମଞ୍ଚ ହେଉଛି କଟକ ନାଟ୍ୟୋତ୍ସବ। ଏହି ମହୋତ୍ସବରୁ ହିଁ ଆଗାମୀ ପିଢ଼ିର କଳାକାର, ନିର୍ଦ୍ଦେଶକ, ସଂଗୀତକାର, ସଂଳାପ ଲେଖକ ଆଦି ସୃଷ୍ଟି ହେବେ। ଚାରିଦିନ ଧରି ଚାଲିବାକୁ ଥିବା ଏହି ନାଟ୍ୟୋତ୍ସବର ବିଭିନ୍ନ ଦିବସରେ ଚୟନ ପର୍ଯ୍ୟାୟରୁ ମନୋନୀତ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ୧୧ଟି ନାଟକ ପ୍ରଦର୍ଶିତ ହେଉଛି। ଆଜି ଉଦଘାଟନୀ ଦିବସରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଆଧୁନିକତା ଓ ପୁରାତନ ମଧ୍ୟରେ ସମନ୍ୱୟ ରଖି ଆଗକୁ ବଢ଼ିବାର ଧାରାକୁ ନେଇ ପରିବେଷଣ କରିଥିଲେ ନାଟକ "ସକାଳର ଅପେକ୍ଷାରେ" ଏବଂ ରାଧାନାଥ ଇନଷ୍ଟିଚ୍ୟୁଟ ଅଫ ଆଡ଼ଭାନସଡ ଷ୍ଟଡି ଇନ ଏଜୁକେସନର ଛାତ୍ରଛାତ୍ରୀ "ଶକ୍ତିଶ୍ରୀ" ନାଟକ ମାଧ୍ୟମରେ ସମାଜରେ ନାରୀ ଉପରେ ହେଉଥିବା ଅତ୍ୟାଚାର ଓ କଷଣର କାହାଣୀ ବଖାଣିଥିଲେ। ଅନ୍ତିମ ପର୍ଯ୍ୟାୟ ବିଚାରକ ମଣ୍ଡଳୀରେ ଅଛନ୍ତି ବରିଷ୍ଠ ଅଭିନେତା ଡଃ ଅନଙ୍ଗ ଦ୍ୱିବେଦୀ, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀଯୁକ୍ତ ହିମାଂଶୁ ଖଟୁଆ, ବରିଷ୍ଠ ଅଭିନେତ୍ରୀ ନମ୍ରତା ଦାସ, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀଯୁକ୍ତ ହରିଶ ମହାନ୍ତି ଓ ବିଶିଷ୍ଟ ନାଟ୍ୟକାର ଡଃ ବୈଜୟନ୍ତୀ ମିଶ୍ର ପ୍ରମୁଖ। ଆଜିର ଉଦଘାଟନୀ ସମାରୋହରେ ଅତରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲାସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ ଓ ଚୟନ ପର୍ଯ୍ୟାୟର ସମସ୍ତ ନାଟ୍ୟ ବିଶେଷଜ୍ଞ ସର୍ବଶ୍ରୀ ଶ୍ରୀକାନ୍ତ ଚୌଧୁରୀ, ଉମେଶ ଦାସ, ଦେବୁ ପଟନାୟକ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ୍ ?, ବବି ଇସଲାମ ଓ ସନ୍ଦୀପ ପାଣି ଯୋଗ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ନାଟ୍ୟପ୍ରେମୀ ଯୋଗ ଦେଇ ନାଟକ ମହୋତ୍ସବକୁ ଉପଭୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଅକ୍ଟୋବର ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲର୍ସ ଅଫ ଉଇସଡମଠାରେ କଟକ ନାଟ୍ୟୋତ୍ସବ ୨୦୨୫ ଅନୁଷ୍ଠିତ ହେଉଛି । କଳାପ୍ରେମୀମାନେ ବିନା ମୂଲ୍ୟରେ ଏହି ନାଟ୍ୟୋତ୍ସବ ଦେଖିପାରିବେ।

# ସରକାରଙ୍କ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ବ୍ୟବସ୍ଥା

**ନୀଳଗିରି(ଅମୃତ ମିଡିଆ):** ଦିବା ଘ.୧୦ଟାକା ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାନ୍ୟବର ବିଧାୟକଙ୍କ ସମେତ ସମସ୍ତ ଅତିଥି ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ର ନିକଟରେ ଧୂପ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ନୀଳଗିରି ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ମଞ୍ଚାସିନ ଅତିଥି ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପଜିଲ୍ଲାପାଳ ଡ଼.ମଧୁସ୍ମିତା ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଔପଦା ଅଧ୍ୟକ୍ଷା ସୁଶ୍ରୀ ବି. ସି ବିସ୍ୱା, ବାହାନଗା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର,ତହସିଲଦାର ଶ୍ରୀମତୀ ସୋନମ୍ ଦାସ,ବାହାନଗା ବି.ଡି.ଓ ଶ୍ରୀମତୀ ଶୁଭଶ୍ରୀ ଟୁଡୁ, ନୀଳଗିରି ଏନ୍. ଏ.ସି . ଅଧ୍ୟକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀଯୁକ୍ତ ଗତିକୃଷ୍ଣ ନନ୍ଦ ପ୍ରମୁଖ ଅତିଥି ମାନଙ୍କ ପରିଚୟ ସ୍ୱାଗତ ସମ୍ବର୍ଧନା ଜଣାଇବା ପରେ ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟଙ୍କ ଆବାହକତ୍ୱରେ ବିବରଣୀନୁଯାୟୀ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୀଳଗିରି, ଔପଦା,ବାହାନଗା ୩ଗୋଟି ବ୍ଲକର ୪୧ ଗୋଟି ପଞ୍ଚାୟତରେ ସରକାର ଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।ଏଥିରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ଶିକ୍ଷା,ସ୍ୱାସ୍ଥ୍ୟ, କୃଷି,ଉଦ୍ୟାନ, ସାମାଜିକ ସୁରକ୍ଷା ଯୋଜନା, ଖାଉଟି କଲ୍ୟାଣ ଯୋଜନା, ମହିଳା ଓ ଶିଶୁ ବିକାଶ ଯୋଜନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ,ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଓ ପରିବେଶ , ଆଦିବାସୀ ଉନ୍ନୟନ ସଂସ୍ଥା, ରାସ୍ତା ଓ ଗୃହନିର୍ମାଣ, କ୍ଷୁଦ୍ର ଜଳ ସେଚନ, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ, ସାମାଜିକ ସଶକ୍ତି କରଣ, କେନାଲ ସମେତ ଲଘୁ ଖଣିଜ ସଂପଦ କ୍ଷେତ୍ରରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ସାଧାରଣ ଜନତା ସୁବିଧା ସୁଯୋଗ ଓ ସୁଫଳ ପାଇବା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିବା ସହିତ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମସ୍ତ ପଞ୍ଚାୟତ ସମିତି ମାନଙ୍କରେ କାର୍ଯ୍ୟକାରି ହେଉଥିବା ପ୍ରକଳ୍ପ ଓ ଯୋଜନା ଗୁଡ଼ିକର ସଫଳ ରୂପାୟନ ନିମନ୍ତେ ବିଭାଗୀୟ ପଦାଧିକାରୀ ମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ।ଏହି ସମୀକ୍ଷା ବୈଠକ ପରେ ପରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆ ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ୩ ଜଣ ଭିନ୍ନ କ୍ଷମ ହିତାଧିକାରୀଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରିଥିଲେ। ଏହି ବିଧାନ ସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା ବୈଠକରେ ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଆଚାର୍ଯ୍ୟ ହରିହର କର୍କଟ ରୋଗ ଅନୁଷ୍ଠାନରେ ଶିଶୁରୋଗୀଙ୍କ ପାଇଁ ଶିଶୁ ପାଠାଗାର



**କଟକ,(ବ୍ୟୁରୋ) :** ଚିକିତ୍ସାଧୀନ ଶିଶୁ ରୋଗୀଙ୍କ ପାଇଁ କଟକର ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ (AHPGIC)ର ପୁରୁଣା କୋଠାର ପ୍ରଥମ ମହଲାରେ ଏକ ଶିଶୁ ପାଠାଗାର ପ୍ରତିଷ୍ଠା କରାଯାଇଛି। ଶିଶୁମାନଙ୍କୁ ଚିକିତ୍ସା ମଧ୍ୟରେ ଶିଖିବା ପାଇଁ ଏହି ଶିଶୁ ପାଠାଗାରର ପରିକଳ୍ପନା କରାଯାଇଥିଲା, ଯାହା ଏବେ ସଫଳ ରୂପ ଧାରଣ କରିଛି। ଏହି ପାଠାଗାରରେ ଶିଶୁଙ୍କ କାହାଣୀ ପୁସ୍ତକ, ଚିତ୍ର ପୁସ୍ତକ, କମିକ୍ସ, ରଙ୍ଗ ସାମଗ୍ରୀ, ଖେଳ ସାମଗ୍ରୀ ଏବଂ ଡିଜିଟାଲ୍ ଶିକ୍ଷଣ ଉପକରଣ ଶିଶୁମାନଙ୍କ ପାଇଁ ହସ୍ପିଟାଲ ପରିସରରେ ଏକ ଶିକ୍ଷଣୀୟ ପରିବେଶ ସୃଷ୍ଟି କରୁଛି। ଏହି ପଦକ୍ଷେପ ଦ୍ୱାରା ଶିଶୁ ରୋଗୀଙ୍କ ଚିକିତ୍ସା ଆବଶ୍ୟକତା ସହ ସେମାନଙ୍କର ମାନସିକ ଏବଂ ଭାବପ୍ରବଣ ସୁସ୍ଥତା ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି। ସୃଜନଶୀଳତା ଏବଂ ଶିକ୍ଷାକୁ ଉତ୍ସାହିତ କରି ଶିଶୁ ରୋଗୀଙ୍କ ମଧ୍ୟରେ ସକାରାତ୍ମକତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରେ। ହସ୍ପିଟାଲ ପାଠାଗାରରେ ତାଲିମପ୍ରାପ୍ତ କାଉନସେଲର ଏବଂ କର୍ମଚାରୀମାନେ ପିଲାମାନଙ୍କୁ ପଠନ, କାହାଣୀ କହିବା ଏବଂ ଇଣ୍ଟରାକ୍ଟିଭ୍ ଅଧିବେଶନରେ ମନୋନିବେଶ କରିବାରେ ସହାୟତା କରୁଛନ୍ତି।

## କେରଳରେ ସିଲିଣ୍ଡର ବିସ୍ଫୋରଣ ଘଟଣା

# ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି



**ବାଲୁଗାଁ(ଅମୃତ ମିଡିଆ):** ଚିକିତ୍ସା ଅବହେଳାରୁ ଓଡିଆ ମତ୍ସ୍ୟଜୀବୀ ମୃତ୍ୟୁ ସଂଖ୍ୟା ୪ କୁ ବୃଦ୍ଧି ପାଇଛି।ଗତକାଲି ଜଣେ ମତ୍ସ୍ୟଜୀବୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ବେଳେ ଆଜି ମରଶରୀର ଗ୍ରାମରେ ପହଞ୍ଚି ଥିଲା। ଗ୍ରାମ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଖବର ମୁତାବକ କେରଳ କନୁର ଜିଲ୍ଲା ପାରିୟାରମ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ହାଟବରଡ଼ି ଗ୍ରାମର ଜିତେନ୍ଦ୍ର ବେହେରା (୩୨) ମୃତ୍ୟୁବରଣ କରିଥିଲେ। ଉକ୍ତ ଘଟଣାରେ ବିଗତ ଦୁଇ ଦିନ ତଳେ ଟାଙ୍ଗୀ ବାଲିପାଟ ଅଞ୍ଚଳର ନିଗମ ବେହେରା, ଶିବ ବେହେରା ଓ ସୁବାସ ବେହେରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।ଯାହାକି ଅଦ୍ୟାବଧି ଚିଲିକା ଅଞ୍ଚଳର ୪ ଜଣ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇସାରିଛି।କିଛି ଦିନ ତଳେ ପରିବାରର ଭରଣପୋଷଣ ପାଇଁ ବାପା, ମା,ସ୍ତ୍ରୀ ଓ ଦେଢ଼ ବର୍ଷର ଝିଅକୁ ଛାଡି ଜିତେନ୍ଦ୍ର କେରଳ ଯାଇଥିଲେ।ଘର କାନ୍ଥରୁ ବାହାଘରର ଚିତ୍ର ଲିଭିନି। ହେଲେ ବିଧିର ବିଧାନ ବଡ଼ ବିଚିତ୍ର।ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଗୁରୁତର ଅବସ୍ଥାରେ ୪ ଓଡ଼ିଆ ଯୁବ ମତ୍ସ୍ୟଜୀବୀ କେରଳ କନୁର ଜିଲ୍ଲା ପାରିୟାରମ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ବରଣ କରିଥିଲେ।ଚିକିତ୍ସାରେ ଅବହେଳା ଯୋଗୁଁ ମୃତ୍ୟୁ ହୋଇଥିବା ପରିବାର ବର୍ଗ ଅଭିଯୋଗ କରିଛନ୍ତି।ସମସ୍ତ ମୃତ ବ୍ୟକ୍ତି କେରଳ କନୁର ଜିଲ୍ଲା ସମୁଦ୍ରରେ ମାଛ ଧରି ଦୀପଇସା ରୋଜଗାର କରୁଥିଲେ। ନିକଟସ୍ଥ ଏକ କ୍ୟାମ୍ପରେ ଶୋଇଥିବା ବେଳେ ଗତ ୧୦ ତାରିଖ ଭୋର ସମୟରେ ଗ୍ୟାସ ସିଲିଣ୍ଡର ବ୍ଲାଷ୍ଟ ହୋଇଥିଲା।ଫଳରେ ନିଆଁରେ ପୋଡି ଅନେକ ଗୁରୁତର ହୋଇଥିବା ବେଳେ ୪ ଜଣ ମତ୍ସ୍ୟଜୀବୀ ମୃତ୍ୟୁବରଣ କରିଛନ୍ତି। ମୃତ ମତ୍ସ୍ୟଜୀବୀଙ୍କ ପରିବାରକୁ ଓଡିଶା ସରକାର ତୁରନ୍ତ ସହାୟତା କରିବାକୁ ମତ୍ସ୍ୟଜୀବୀ ପରିବାର ପକ୍ଷରୁ ଅନୁରୋଧ କରିଛନ୍ତି।

# ଗୋଟିଏ ରାତିରେ ୨ ମନ୍ଦିରରୁ ଚୋରି

**ରଘୁନାଥପୁର(ଅମୃତ ମିଡିଆ):** ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ପଞ୍ଚାୟତ ହରିଶପୁର ଗ୍ରାମର ମା ମଲିକେଶ୍ୱରି ମନ୍ଦିର ଓ ଗୋକୁଳପୁର ଗ୍ରାମ ହନୁମାନ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। କେହି ଦୃର୍ବୃତ୍ତ ଗେଟର ଗ୍ରିଲ ଭାଙ୍ଗି ଉଭୟ ମନ୍ଦିରରୁ ସୁନାରୁପା ଅଳଙ୍କାର ଚୋରିକରି ନେଇଛି।ଗୁରୁବାର ସକାଳୁ ପୂଜକ ମନ୍ଦିରକୁ ଆସି ଗେଟ ଗ୍ରିଲ ଭଙ୍ଗା ହୋଇଥିବାର ଦେଖିଥିଲେ। ଏ ସମ୍ପର୍କରେ ପୂଜକ ବୃନ୍ଦାବନ ଦାଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଲିକେଶ୍ୱରି ମନ୍ଦିରରୁ ସୁନା ସିନ୍ଥି ଓ ଚିତା,ରୂପା ବଡ ମୁକୁଟ ୩ ଟି ଓ ଛୋଟ ମୁକୁଟ ୨ ଟି, ହାତ ଶଙ୍ଖା ଓ ଚେନ ଚୋରି ହୋଇଥିବାବେଳେ ହନୁମାନ ମନ୍ଦିରରୁ ଏକ ରୁପା ମୁକୁଟ ଓ ପିତଳ ଚାନ୍ଦୁଆ ଚୋରି ହୋଇଛି।ଏହାର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ରାଜରାସ୍ତାକୁ ଲାଗି ମନ୍ଦିର ଗୁଡ଼ିକ ଥିବାରୁ ଦୁବୃତ୍ତମାନେ ଏଗୁଡ଼ିକ ଟାର୍ଗେଟ କରୁଛନ୍ତି।ପାଟ୍ରୋଲିଂ ସତ୍ତ୍ୱେ ଦୁର୍ବୃତ୍ତମାନେ ଚୋରିକରି ପୋଲିସକୁ ଚାକମା ଦେଇ ଖସିଯିବାକୁ ସକ୍ଷମ ହେଉଛନ୍ତି। ଏ ସମ୍ପର୍କରେ ତଦନ୍ତ ଜାରି ରହିଥିବାର ଏସଆଇ ଯୋଗେଶ୍ୱର ବେହେରା କହିଛନ୍ତି।

# ମହିଳାଙ୍କ ପ୍ରତି ଅସଦାଚରଣ ଅଭିଯୋଗ, ଥାନାରେ ମାମଲା

**ଚଣ୍ଡିଖୋଲ(ଅମୃତ ମିଡିଆ):** ଜଣେ ଦଳିତ ମହିଳାଙ୍କୁ ଅସଦାଚରଣ କରିଥିବାକୁ ନେଇ ବଡ଼ଚଣା ଥାନାରେ ମାମଲା ହୋଇଛି । ସୂଚନା ଅନୁସାରେ ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିତକ ଗାଁରେ ଗତ କାଲି ରାତିରେ ସେହି ଗାଁର ସମୀର ସାମଲଙ୍କ ସ୍ତ୍ରୀ କବିତା ସାମଲ(୨୮) ତାଙ୍କ ଝିଅକୁ ନେଇ ଶୌଚ ହେବାକୁ ନିକଟରେ ଥିବା ବିଲକୁ ଯାଇଥିଲେ । ଏହି ସମୟରେ ସେହି ଗାଁର ଅଲେଖ ସାମଲଙ୍କ ପୁଅ ଗୋବିନ୍ଦ ସାମଲ ସେହି ବାଟରେ ଯାଉଥିବା ବେଳେ ହଠାତ ଉକ୍ତ ମହିଳାଙ୍କୁ ଜୋରଜବରଦସ୍ତ ମାଡିବସି ତାଙ୍କୁ ଅସଦାଚରଣ କରିଥିବା ପୀଡିତା ଥାନାରେ ଅଭିଯୋଗ କରିଛନ୍ତି କ୍ଷ ବଡ଼ଚଣା ଥାନାଧିକାରୀ ସୁରେନ୍ଦ୍ର ଜେନା ଏକ ମାମଲା ରଜୁ କରି ତଦନ୍ତ ଚଳାଇଛନ୍ତି। ଖୁବ ଶିଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି ।

# ଆକ୍ସିସ ବ୍ୟାଙ୍କର କୃଷି ଉଦ୍ୟୋଗ ଓ ମହିଳା ସଶକ୍ତୀକରଣକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ



**ରଘୁନାଥପୁର(ଅମୃତ ମିଡିଆ):** ରଘୁନାଥପୁର ବଜାରରେ ନୂତନ ଭାବେ ଖୋଲାଯାଇଥିବା ଆକ୍ସିସ ବ୍ୟାଙ୍କର ଶୁଭ ଉଦଘାଟନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଶାଖା ପରିଚାଳକ ଅଜିତ କୁମାର ରାଉତଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ବିରଞ୍ଚି ନାରାୟଣ ବେହେରା ମୂଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତୃଣମୂଳ ସ୍ତରରେ ସାଧାରଣଜନତାଙ୍କ ନିକଟତର ହୋଇ କୃଷି ଉଦ୍ୟୋଗ ଓ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେବା ପାଇଁ ଆହ୍ୱାନ କରିଥିଲେ। ସେହିପରି ତହସିଲଦାର ରାଜଲକ୍ଷ୍ମୀ ନାୟକ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ଓ ବେକାରୀଙ୍କୁ ଆତ୍ମ ନିର୍ଭରଶୀଳ ହେବାପାଇଁ ବ୍ୟାଙ୍କ ଗୁରୁତ୍ୱ ପ୍ରଦାନ କରୁ ବୋଲି ପ୍ରକାଶ କରିଥିଲେ।ବ୍ୟାଙ୍କର କ୍ଲଷ୍ଟର ହେଡ ସଞ୍ଜୀବ କୁମାର ସ୍ୱାଇଁ ସୁପରିଚାଳନା ଓ ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀ ନିଜ ଦାଇତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ।ଏହାଛଡା ବ୍ଲକର ୧୯ ଗୋଟି ପଞ୍ଚାୟତକୁ ଗ୍ରସ୍ତ କରି ଲୋକଙ୍କୁ ସଚେତନ କରିବା ସହ ମହିଳା, କୃଷକ ଓ ଶ୍ରମିକଙ୍କୁ ଋଣ ପ୍ରଦାନ କରି ସେମାନଙ୍କ ଆର୍ଥିକ ଅଭିବୃଦ୍ଧି କରିବା ଆମର ଲକ୍ଷ ବୋଲି ଅଧିକାରୀ ସ୍ୱାଇଁ ପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକ, ଅଞ୍ଚଳର ବୁଦ୍ଧିଜୀବି ଓ ସ୍ଥାନୀୟ ବଜାର କମିଟିର କର୍ମକର୍ତ୍ତାମାନେ ଜୀବନ ଜୀବିକା ଓ ବ୍ୟାଙ୍କର ସେବା ସମ୍ପର୍କରେ ମତ ରଖିଥିଲେ।ଅନ୍ୟତମ ଅତିଥି ଭାବେ ଆରଡବ୍ଲୁଏସଏସ ଏସଡିଓ ରବୀନ୍ଦ୍ର କୁମାର ସେଠି ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ସହକାରୀ ଶାଖା ପରିଚାଳକ ଜ୍ୟୋତିପ୍ରକାଶ ଦାସ, ଶର୍ମିଷ୍ଠା ଦାଶ, ପ୍ରଭଞ୍ଜନ ରଥ,ବିଦ୍ୟାଧର ଦାସ, ସାହାନାବାଜ ପ୍ରମୁଖ ସହଯୋଗ କରିଥିଲେ।

# ଜଗତସିଂହପୁର ବିଜୁ ଜନତା ଦଳର ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ

**ଜଗତସିଂହପୁର(ଅମୃତ ମିଡିଆ):** ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳର ପଦଯାତ୍ରା ନିମନ୍ତେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଯାଇଅଛି। ଅକ୍ଟୋବର ଚବିଶି ତାରିଖ ଶୁକ୍ରବାର ଦିନ ଗାନ୍ଧିଛକ ନିକଟରୁ ପଦଯାତ୍ରା ଆରମ୍ଭ ହେବ। ଏହି ପ୍ରସ୍ତୁତି ବୈଠକରେ ପୁର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ପୁର୍ବତନ ବିଧାୟକ ତଥା ରାଜ୍ୟ ବିଜେଡ଼ି ଉପସଭାପତି ଚିରଞ୍ଜିବି ବିଶ୍ୱାଳ, ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲ୍ଲା ବିଜେଡ଼ି ଉପସଭାପତି ଦିପ୍ତି କୁମାର ଦାସ, ବ୍ଲକ ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତି




ରଞ୍ଜନ ବେହେରା, ବ୍ଲକ ମହିଳା ବିଜେଡ଼ି ସଭାପତି ପ୍ରଭାତି ମହାନ୍ତି, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସମିତ୍ ଲେଙ୍କା, ପୁର୍ବତନ ଜିଲ୍ଲାପରିଷଦ ସଭ୍ୟ ଜଗନ୍ନାଥ ମୁଦୁଲି, ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ବରିଷ୍ଠ କର୍ମୀ କାଳନ୍ଦୀ ପତି,ବ୍ଲକ ଯୁବ ବିଜେଡ଼ି ସଭାପତି ସମ୍ବିତ ମହାନ୍ତି, ଯୁବନେତା ପ୍ରଶାନ୍ତ ମଲ୍ଲିକ, ବରିଷ୍ଠ କର୍ମୀ ଅଦ୍ୱୈତ ମହାନ୍ତି, ପାରିଷଦ ମନୋଜ ମହାନ୍ତିଙ୍କ ସମେତ ସମସ୍ତ କାଉନସିଲର, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ସାମିଲ ହୋଇଥିଲେ।

# ୧୮ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଶିମିଳିପାଳ ଅଭୟାରଣ୍ୟ

## ଦୈନିକ ସର୍ବାଧିକ ୬୦ଟି ଚାରିଚକିଆ ଯାନକୁ ପ୍ରବେଶ ଅନୁମତି



**ବାରିପଦା(ଅମୃତ ମିଡିଆ):** ଚଳିତ ବର୍ଷ ଅକ୍ଟୋବର ୧୮ରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଖୋଲାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରକାଶ ଚାନ୍ଦ ଯୋଗିନେନି ବିଜ୍ଞପ୍ତି ଜାରି କରିଛନ୍ତି । ଦୈନିକ ସର୍ବାଧିକ ପ୍ରଥମେ ଆସିଥିବା ୬୦ ଗୋଟି ଚାରିଚକିଆ ଯାନ ଶିମିଳିପାଳ ଭିତରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ । କାଳିକାପ୍ରସାଦ ତନଖି ଫାଟକ ଯଶିପୁର ଦେଇ ୩୫ ଗୋଟି ଗାଡି ଓ ପିଠାବଟା ତନଖି ଫାଟକ ବାରିପଦା ଦେଇ ୨୫ ଗୋଟି ଗାଡିକୁ ଅନୁମତି ମିଳିବ ଏବଂ ପ୍ରସ୍ଥାନ କେବଳ ଯଶିପୁର କାଳିକାପ୍ରସାଦ ତନଖି ଫାଟକ ଦେଇ ହେବ ବୋଲି ଜଣାଯାଇଛି । ସଂଧ୍ୟା ୬ ଘଟିକା ପୂର୍ବରୁ ପର୍ଯ୍ୟଟକ ମାନଙ୍କୁ କାଳିକାପ୍ରସାଦ ତନଖି ଫାଟକ ଦେଇ ଯଶିପୁର ଛାଡିବାକୁ ପଡିବ । ବ୍ୟାଘ୍ର ପ୍ରକଳ୍ପ ମଧ୍ୟକୁ ପ୍ରବେଶ ନିମନ୍ତେ ଅନୁମତି ପତ୍ର ପର୍ଯ୍ୟଟକମାନେ ୱେବସାଇଟ ମାଧ୍ୟମରେ ନେଇ ଗେଟରେ ପରିଚୟ ପତ୍ର ଦେଖାଇ ପ୍ରବେଶ କରି ପାରିବେ ବୋଲି କୁହାଯାଇଛି । ପର୍ଯ୍ୟଟକ ମାନଙ୍କ ପାଇଁ ମାର୍ଗଦର୍ଶିକା ଅନୁପାଳନ ସହିତ ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକ ମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଛି । ପର୍ଯ୍ୟଟକଙ୍କ ଯାନ, ପର୍ଯ୍ୟଟକ ଏବଂ ତାଙ୍କ ଜିନିଷପତ୍ରକୁ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ତନଖି ଫାଟକରେ ଯାଞ୍ଚ କରାଯିବ ଏବଂ ଅପରାହ୍ନ ୪ଘଟିକା ପୂର୍ବରୁ ସମସ୍ତ ପର୍ଯ୍ୟଟକ ମାନଙ୍କୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ସ୍ଥାନ ଛାଡିବାକୁ ପଡିବ । ସେହିପରି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶ ସମୟରେ ପ୍ରତ୍ୟେକ ଯାନ ସହିତ ଜଣେ ଗାଇଡ଼ ନେବା ବାଧ୍ୟତାମୂଳକ କରାଯାଇଛି । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦ୍ୱାରା ନିୟୋଜିତ ୱାଇଲ୍ଡଲାଇଫ ସଫାରୀ ଗାଡି ନିମନ୍ତେ ଏବଂ କୁମାରି, ଗୁଡ଼ଗୁଡିଆ, ରାମତୀର୍ଥ, ବରେହିପାଣି ଓ ଜାମୁଆଣିରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀଯାପନ ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବସାଇଟ ଯୋଗେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ ବୋଲି ଜଣାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଶିମିଳିପାଳକୁ ମୋଟ ୩୮,୪୮୩ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଓଡିଶାରୁ ୨୬,୦୮୩ ଜଣ,ବାହାର ରାଜ୍ୟରୁ ୧୨,୩୮୮ ଜଣ ଏବଂ ବିଦେଶରୁ ୧୨ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ବେଳେ ୪୨୬.୬୩ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା ବୋଲି ଜଣାଯାଇଛି ।

# ବାଲୁଗାଁ ମହାବିଦ୍ୟାଳୟରେ ପୋଷଣ ସଚେତନତା

**ବାଲୁଗାଁ(ଅମୃତ ମିଡିଆ):** ବାଲୁଗାଁ ମହାବିଦ୍ୟାଳୟରେ ପୋଷଣ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ଼କ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ପୋଷଣ ମାସର ଉଦ୍ଦେଶ୍ୟ,ଗୁରୁତ୍ୱ ଓ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ପୋଷଣ କାର୍ଯ୍ୟକ୍ରମର ଉପାଦେୟତା ସହିତ କିଶୋରୀମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ସୁଜାତା ପ୍ରଧାନ, ବରିଷ୍ଠ ଅଧ୍ୟାପିକା ଡ଼କ୍ଟର ମୋନାଲିସା ମାନସିଂହ, ଅଧ୍ୟାପିକା ସ୍ୱାତି ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଯୋଗଦେଇ ପୋଷଣ ମାସ ଜନସାଧାରଣଙ୍କ ଉପରେ ପକାଇଥିବା ଗୁଣାତ୍ମକ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ।

